
ମିନାବଜାର ପୂଜା ପ୍ରତିଷ୍ଠାନଠାରେ ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ନିକଟରେ ଅଛନ୍ତି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା।


ଆନନ୍ଦବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ହରିୟାଣାରୁ ଆମନ୍ତ୍ରିତ ହୋଇ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷିତ ଅଘୋରି ନୃତ୍ୟ।

# ମା'ଙ୍କୁ ମେଲାଣି

ଢେଙ୍କାନାଳ ଅଫିସ୍, ୧୯।୧୦

ଯେମିତି ଆଡ଼ମ୍ବର ସହକାରେ ହୋଇଥିଲା ଆବାହନ, ଠିକ୍ ସେମିତି ଭାବୋଦ୍ଦୀପକ ଢଙ୍ଗରେ ମେଲାଣି ନେଇଛନ୍ତି ଧନଦାତ୍ରୀ। ଅଶ୍ରୁସଜଳ ଆଖିରେ ମା'ଙ୍କୁ ବିଦାୟ ଦେଇଛନ୍ତି ଢେଙ୍କାନାଳବାସୀ। ପାରମ୍ପରିକ ଲୋକବାଦ୍ୟ, ଲୋକନୃତ୍ୟ, ଲୋକସଙ୍ଗୀତ, ସଂକୀର୍ତ୍ତନର ତାଳେତାଳେ ମହାଲକ୍ଷ୍ମୀ ବାହୁଡ଼ିଥିବାବେଳେ ବିଦାୟ ବେଳା ସୃଷ୍ଟି କରିଥିଲା ଭାବବିହ୍ୱଳ ପରିବେଶ।

ଶେଷ ହୋଇଛି ଢେଙ୍କାନାଳର ପ୍ରସିଦ୍ଧ ଗଣପର୍ବ ଲକ୍ଷ୍ମୀପୂଜା। ସରିଛି ସିନ୍ଧୁସୁତାଙ୍କ ୧୧ ଦିନାତ୍ମକ ମହୋତ୍ସବ। ମଣ୍ଡପରେ ୧୦ଦିନର ପୂଜା ପରେ ବୁଧବାର ବିଦାୟ ନେଇଛନ୍ତି ପଦ୍ମାଳୟା। ମୋଟ ୩୮ ପୂଜା ପ୍ରତିଷ୍ଠାନ ମଧ୍ୟରୁ ମିଳିତ ଭସାଣି ଶୋଭାଯାତ୍ରାରେ ୨୫ ମେଢ଼ ସାମିଲ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପୂର୍ବାହ୍ନ ୯ଟାରେ ସମସ୍ତ ମେଢ଼ ଆସ୍ଥାନ ଛାଡ଼ିଥିଲେ। ମିନାବଜାରର ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ନିକଟରେ ଜିଲାପାଳ ସରୋଜ କୁମାର ସେଠୀ ନଡ଼ିଆ ଭାଙ୍ଗି ମିଳିତ ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏସପି ଲୋଗାନୟାଗୀ ଦିବ୍ୟା ଭି., ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ମିଳିତ ବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଶାନ୍ତି କମିଟି ସଭାପତି ସୁଧାଂଶୁ କୁମାର ଦଳେଇ, ମିନାବଜାର ପୂଜା କମିଟି ସଭାପତି ରବିନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସମ୍ପାଦକ ପୀତବାସ ସାହୁ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ୧ନଂ. ପୂଜା ପ୍ରତିଷ୍ଠାନ ମିନାବଜାର ଏହାପରେ କ୍ରମାନ୍ୱୟରେ ଜବାହରଚୌକ, ଲକ୍ଷ୍ମୀ ବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର ଏବଂ ଅନ୍ୟ ସମସ୍ତ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୬ଟି ମେଢ଼ ବାଜିଚୌକ ଯାଏ ନଗର ପରିକ୍ରମା କରିବା ପରେ ନିଜ ଅଞ୍ଚଳ ଦେଇ ବିସର୍ଜନ ପାଇଁ କାଠଶଙ୍ଖ ଅଭିମୁଖେ ଯାଇଥିଲେ। ସେହିପରି ଆଉ ୪ ମେଢ଼ ମିଳିତ ଭସାଣି ଶୋଭାଯାତ୍ରାରେ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ-ବସ୍‌ଷ୍ଟାଣ୍ଡ-ଗୁଡ଼ିଆନାଳୀ ଦେଇ କୁଞ୍ଜକାନ୍ତ ପୋଖରୀକୁ ଯାଇଥିଲେ। ବିବାଦ କାରଣରୁ ସକାଳେ କୈବଲ୍ୟ ବଜାର ଏବଂ ଜୁବିଲିଟାଉନ-୨ ପ୍ରତିଷ୍ଠାନ ମୂର୍ତ୍ତି ବିସର୍ଜନ କରିଦେଇଥିଲେ।

ଭବ୍ୟ ଭସାଣି ଶୋଭାଯାତ୍ରା ଏବଂ ଚିତ୍ତାକର୍ଷକ ଲୋକନୃତ୍ୟ ଦେଖିବା ପାଇଁ ସହର ଜନସମୁଦ୍ରରେ ପରିଣତ ହୋଇଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୭ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଜିଲାପାଳ, ଏସ୍‌ପି, ଉପଜିଲାପାଳ, ନିର୍ବାହୀ ମାଜିଷ୍ଟ୍ରେଟ୍, ପୋଲିସ ଅଧିକାରୀଙ୍କ ସମେତ ପ୍ରତି ମେଢ଼ର କର୍ମକର୍ତ୍ତାମାନେ ଶାନ୍ତିଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ। ରାତି ୧୧ଟା ୫୦ ସୁଦ୍ଧା ମୀନାବଜାର ଏବଂ ଜବାହରଚୌକ୍ କାଠଶଙ୍ଖରେ ମୂର୍ତ୍ତି ବିସର୍ଜନ କରିଥିବା ଜଣାପଡ଼ିଛି।

- ମିଳିତ ଭସାଣିରେ ସାମିଲ ହେଲେ ୨୫ ମେଢ଼
- ଲୋକନୃତ୍ୟ, ଲୋକସଙ୍ଗୀତରେ କମ୍ପିଲା ସହର


ଜବାହରଚୌକ ମେଢ଼।


ବୌଦ୍ଧ ଜିଲାରୁ ଆସିଥିବା କଳାକାରଙ୍କ ବିହୁ ନୃତ୍ୟ।


କୋଲକାତାର କଳାକାରଙ୍କ ଗଞ୍ଜା ନୃତ୍ୟ।


ପୁରୀ ଜିଲାର କଳାକାରଙ୍କ ଦେବଦାସୀ ନୃତ୍ୟ।

## ଲୋକନୃତ୍ୟର ଝଙ୍କାର

ଆଧୁନିକତାର ଛାପ ମଧରେ ମଳିନ ପଡ଼ିନି ପରମ୍ପରା। ଏହାର ଉତ୍କୃଷ୍ଟ ଉଦାହରଣ ଢେଙ୍କାନାଳ ଲକ୍ଷ୍ମୀପୂଜା, ଯାହାର ଏକାଧିକ ଝଲକ ଦେଖିବାକୁ ମିଳିଥିଲା ଭସାଣି ଉତ୍ସବରେ। ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆମନ୍ତ୍ରିତ ହୋଇ ଆସିଥିବା କଳାକାରମାନେ ପ୍ରଦର୍ଶନ କରିଥିଲେ ଭଳିକି ଭଳି ନୃତ୍ୟ। ଲକ୍ଷ୍ମୀବଜାର ପକ୍ଷରୁ ବୌଦ୍ଧ ଜିଲାରୁ ଆସିଥିବା କଳାକାରଙ୍କ ଦ୍ୱାରା ବିହୁ, ସମ୍ବଲପୁରୀ ନୃତ୍ୟ, ରାଧାକୃଷ୍ଣଙ୍କ ରାସଲୀଳା, ନୂଆପଡ଼ାର ଦୁଲ୍‌ଦୁଲି, ପୁରୀ ଜିଲା ଖଡ଼ିବୁଦାର କଣ୍ଢେଇନାଚ, ଦେବଦାସୀ ନୃତ୍ୟ, ଭୁବନେଶ୍ୱର ବାଳକାଟିର ଘୋଡ଼ାନାଚ, ଶିବନୃତ୍ୟ, ବଲାଙ୍ଗୀର ଜିଲାର ଘଣ୍ଟବାଦନ ବେଶ୍ ଆକର୍ଷଣୀୟ ହୋଇଥିଲା। ସେହିପରି ଗଣେଶ ବଜାର ପକ୍ଷରୁ କୋଲକାତାର ଗଞ୍ଜା ନୃତ୍ୟକୁ ମନଭରି ଉପଭୋଗ କରିଥିଲେ ଦର୍ଶକ। ଅନ୍ୟ ପୂଜା ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ କଳସ ନୃତ୍ୟ, ଲଉଡିବାଡ଼ି ଖେଳ ଦେଖଣାହାରୀଙ୍କ ମନ ମୋହିଥିଲା।

## ୨ ଘଣ୍ଟା ଅଟକିଲା ଶୋଭାଯାତ୍ରା

ବିସର୍ଜନ ସଅଳ ସାରିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଗଣେଶ ବଜାର, ରଥଗଡ଼ା, କୈବଲ୍ୟ ବଜାର, ରାଜବାଟୀ, ଦୁର୍ଗାବଜାର, ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ନିକଟ ରାସ୍ତା ଦେଇ ଶୋଭାଯାତ୍ରା ଆଗକୁ ବଢ଼ିଥିଲା। ତେବେ ସହରର ପ୍ରମୁଖ ରାସ୍ତାକୁ ସଂଯୋଗ କରିଥିବା ପୂର୍ତ୍ତ ବିଭାଗ ସଡ଼କରେ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ପାଖାପାଖି ୨ ଘଣ୍ଟା ଧରି ଅଟକି ଯାଇଥିଲା ଶୋଭାଯାତ୍ରା। ପୋଲିସ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା ଏବଂ ମେଢ଼ଗୁଡ଼ିକ ଆଗକୁ ବଢ଼ିଥିଲେ।

## ଜମାଇଦେଲା ଶ୍ରୀକାକୁଲମ୍ ବ୍ୟାଣ୍ଡ୍

ଭସାଣି ଉତ୍ସବରେ ଆକର୍ଷଣ ସାଜିଥିଲା ମିନାବଜର ପୂଜା ପ୍ରତିଷ୍ଠାନର ଶ୍ରୀକାକୁଲମ୍ ବ୍ୟାଣ୍ଡ୍ ପାର୍ଟି। କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଓଡ଼ିଆ, ହିନ୍ଦୀ ଓ ଦେଶାତ୍ମବୋଧକ ମନଛୁଆଁ ସଙ୍ଗୀତର ଧୁନ୍ ପରିବେଶକୁ ରସସିକ୍ତ କରି ତୋଳିଥିଲା। ସେହିପରି ପୁରୀର ପ୍ରସିଦ୍ଧ ସାହିଯାତ ଅନ୍ୟତମ ଆକର୍ଷଣ ସାଜିଥିଲା।

## ଆଚମ୍ବିତ କଲା ଅଘୋରି ନୃତ୍ୟ

ମା' ପଦ୍ମାଳୟାଙ୍କ ମେଲାଣି ବେଳେ ଆନନ୍ଦବଜାର ପକ୍ଷରୁ ହରିୟାଣା ଏବଂ କାଞ୍ଚନବଜାର ପକ୍ଷରୁ ଉତ୍ତରପ୍ରଦେଶରୁ ଆମନ୍ତ୍ରିତ ହୋଇ ଆସିଥିବା କଳାକାରଙ୍କ ଅଘୋରି ନୃତ୍ୟ ଦର୍ଶକଙ୍କୁ ଆଚମ୍ବିତ କରିଥିଲା। ମହାଦେବ ଏବଂ ଶିବଗଣଙ୍କ ଅଙ୍ଗୀଭଙ୍ଗୀକୁ ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ ନୃତ୍ୟଶିଳ୍ପୀ, ଯାହା ଦର୍ଶକଙ୍କ ବାନ୍ଧି ରଖିଥିଲା। ସେହିପରି ଆନନ୍ଦବଜାର ପକ୍ଷରୁ ପ୍ରଦର୍ଶିତ ମହାବୀର ହନୁମାନଙ୍କ ବେଶ ଓ ନୃତ୍ୟ ମନୋମୁଗ୍ଧକର ପରିବେଶ ସୃଷ୍ଟି କରିଥିଲା।

## ସାରା ସହର ଏକାକାର

ମା'ଲକ୍ଷ୍ମୀଙ୍କ ବିସର୍ଜନ ପର୍ବରେ ଏକାକାର ହୋଇ ଉଠିଥିଲା ସମଗ୍ର ସହର। ଜିଲା ସମେତ ଜିଲା ବାହାରୁ ଲକ୍ଷାଧିକ ଦର୍ଶକ ସାମିଲ ହୋଇଥିଲେ ଭସାଣି ଶୋଭାଯାତ୍ରାରେ। ବ୍ୟାଣ୍ଡପାର୍ଟି ଗୀତ ଓ ବାଦ୍ୟର ତାଳେତାଳେ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ଯାଏ ସମସ୍ତେ ପାଦରେ ପାଦ ମିଶାଇ ନାଚିଥିଲେ। ଏଥିରୁ ବାଦ୍ ପଡ଼ି ନ ଥିଲେ ସରକାରୀ ଅଧିକାରୀ ଓ କର୍ମଚାରୀ, ଯାହା ଭସାଣି ମାହୋଲକୁ ଅଧିକ ଆକର୍ଷଣୀୟ କରିଥିଲା।


ପୁରୀର କଳାକାରଙ୍କ ଦ୍ୱାରା ସାହିଜାତ ନୃତ୍ୟ।


ଭୁବନେଶ୍ୱର ବାଳକାଟିର ଘୋଡ଼ାନାଚ।


ଭସାଣି ଶୋଭାଯାତ୍ରାରେ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼।


କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ।



ଭସାଣି ଶୋଭାଯାତ୍ରାରେ ଅନୁଗୋଳ ଆନନ୍ଦ ବଜାର ମେଢ଼।


ହେମସୁରପଡ଼ା ମେଢ଼ ଶୋଭାଯାତ୍ରାରେ ଯାଉଛି।


ଅନୁଗୋଳ କଲେଜ ଛକ ମେଢ଼।

# ଧରାପୃଷ୍ଠରୁ ବିଦାୟ ନେଲେ ଧନଦାତ୍ରୀ



କାଞ୍ଚନ ବଜାର ଲେଜର ଲାଇଟ୍।


ଶୋଭାଯାତ୍ରାରେ ସାମିଲ ହୋଇଥିବା ବାଘ ନାଚ।

**ଅନୁଗୋଳ ଅଫିସ, ୧୯।୧୦**

■ଘଣ୍ଟ, ଶଙ୍ଖ, ଢୋଲରେ କମ୍ପିଲା ସହର
■ଲଉଡ଼ି, ଆଦିବାସୀ ନୃତ୍ୟ ମୁଖ୍ୟ ଆକର୍ଷଣ
■ଲେଜର ଲାଇଟ୍ ଯୋଗୁ ମୋବାଇଲ କ୍ୟାମେରାରେ ତ୍ରୁଟି

ଧରାପୃଷ୍ଠରେ ୧୦ ଦିନର ଆରାଧନା ପରେ ବୁଧବାର ବିଦାୟ ନେଇଛନ୍ତି ମା' ଧନଦାତ୍ରୀ। ମହା ଆଡ଼ମ୍ବରରେ ପୂଜାର୍ଚ୍ଚନା ପରି ଅନୁଗୋଳ ସହରରେ ଭସାଣି ଶୋଭାଯାତ୍ରା ମଧ୍ୟ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିବା ଭସାଣି ଶୋଭାଯାତ୍ରା ବିଳମ୍ବିତ ରାତି ଯାଏ ଚାଲିଥିଲା। ଘଣ୍ଟ, ଶଙ୍ଖ, ଢୋଲ ବାଦ୍ୟରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଲଉଡ଼ି ଖେଳ, ବାଘ ନୃତ୍ୟ, ଆଦିବାସୀ ନୃତ୍ୟ ଆଦି ମୁଖ୍ୟ ଆକର୍ଷଣ ଥିଲା। ଥାନା ଛକରୁ ଆରମ୍ଭ ହୋଇଥିବା ଭସାଣି ଉତ୍ସବରେ ମୋଟ ୧୧ଟି ମେଢ଼ ସାମିଲ ହୋଇଥିଲା। ମୋଟାମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ତେବେ ଶୋଭାଯାତ୍ରାରେ ଲେଜର ଲାଇଟ୍ ଯୋଗୁ ୫୦ରୁ ଉର୍ଦ୍ଧ୍ୱ ମୋବାଇଲ କ୍ୟାମେରାରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଥିଲା।

କୁମାର ପୂର୍ଣ୍ଣିମା ଠାରୁ ଅନୁଗୋଳ ସହରରେ ଆରମ୍ଭ ହୋଇଥିଲା ମା' ଲକ୍ଷ୍ମୀଙ୍କ ପୂଜା। ମୋଟ୍ ୨୯ଟି ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆକର୍ଷଣୀୟ ମେଢ଼, ତୋରଣ ଓ ଆଲୋକ ସାଜସଜ୍ଜା କରାଯାଇଥିଲା। ପାଗ ଭଲ ଥିବାରୁ ଚଳିତ ପୂଜାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବୁଧବାର ଭସାଣି ଶୋଭାଯାତ୍ରା ଦେଖିବାକୁ ସହରରେ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଛାତି ଥରାଇବା ଭଳି ଡାକବାଜି ଯନ୍ତ୍ର ସହ ବିଭିନ୍ନ ବାଦ୍ୟ, ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଛତିଶଗଡ଼ର ବ୍ୟାଣ୍ଡ ପାର୍ଟିର ବାଦ୍ୟ ପରିବେଷଣ ଦେଖଣାହାରିଙ୍କ ମନ ଛୁଇଁଯାଇଥିଲା। ଆଦିବାସୀ ନୃତ୍ୟ ଦେଖିବାକୁ ସମସ୍ତଙ୍କ ମଧ୍ୟରେ ଆଗ୍ରହ ରହିଥିଲା। ଶୋଭାଯାତ୍ରାର ପ୍ରାରମ୍ଭରେ ଡିଆଇସି ଛକ ପୂଜା କମିଟି ମେଢ଼ ରହିଥିବାବେଳେ ଏହାପରକୁ ପର ହନୁମାନ ବଜାର, କରଡ଼ାଗାଡ଼ିଆ, କାଞ୍ଚନ ବଜାର, ଭଣ୍ଡୁବର, ଆନନ୍ଦ ବଜାର, ବଜାର ଛକ, ବସ୍‌ଷ୍ଟାଣ୍ଡ, କଲେଜ ଛକ, ଆଶ୍ରମ ଛକ ମେଢ଼ ରହିଥିଲା। ଶୃଙ୍ଖଳାର ସହ ଭସାଣି ସାରିବାକୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ଆତସବାଜି ଦେଖିବାକୁ ମିଳିଲାନି

"ପ୍ରତିବର୍ଷ ଭସାଣି ଉତ୍ସବରେ ଆତସବାଜି ପ୍ରତିଯୋଗିତା ଏକ ପ୍ରମୁଖ ଆକର୍ଷଣ ସାଜିଥାଏ। ହେଲେ ଚଳିତବର୍ଷ ଏହା ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ଦର୍ଶକମାନେ ଆତସବାଜି ପ୍ରତିଯୋଗିତା ଦେଖିବାରୁ ବଞ୍ଚିତ ହୋଇଛନ୍ତି। ମେଢ଼ଗୁଡ଼ିକ ଅନୁଗୋଳ ହାଇସ୍କୁଲ ପଡ଼ିଆରେ ଏକତ୍ରିତ ହେବା ପରେ ଏହି ପ୍ରତିଯୋଗିତା କରାଯାଇଥାଏ। ଏହାକୁ ଦେଖିବାକୁ ବହୁ ସଂଖ୍ୟକ ଦର୍ଶକ ଆସିଥାନ୍ତି। କିନ୍ତୁ ଏଥର ଦର୍ଶକମାନଙ୍କୁ ନିରାଶ ହେବାକୁ ପଡ଼ିଛି।

### ଅସ୍ଥାୟୀ ପୋଖରୀକୁ ଗଲାନି ମେଢ଼

"ଭସାଣି ଶୋଭାଯାତ୍ରା ପରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବାର ନିୟମ ରହିଛି। ଏଥିପାଇଁ ଅନୁଗୋଳ ପୌର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ମଧ କରାଯାଇଥିଲା। ହେଲେ ଏହି ଅସ୍ଥାୟୀ ଜଳାଶୟରେ କୌଣସି ପୂଜା କମିଟି ମେଢ଼ ବିସର୍ଜନ କରିଥିବା ଦେଖାଯାଇ ନାହିଁ। ଯିଏ ଯେଉଁଠି ପାରିଲେ, ସେଠାରେ ମୂର୍ତ୍ତି ବିସର୍ଜନ କରିଥିଲେ।


ଶୋଭାଯାତ୍ରାର ଅନ୍ୟତମ ଆକର୍ଷଣ ଧୁମାଲ ବାଜା।


ଭସାଣିର ପ୍ରମୁଖ ଆକର୍ଷଣ ଆଦିବାସୀ ନୃତ୍ୟ।

# ମେଲାଣି ନେଲେ ମା' କମଳା'


ମେଳଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ପାଲଲହଡ଼ା, ୧୯।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡରେ ୧୦ ଦିନ ଧରି ଚାଲିଥିବା ଗଜଲକ୍ଷ୍ମୀ ପୂଜାର ଭସାଣି ଏବଂ ମେଳଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ଗଜଲକ୍ଷ୍ମୀ ପୂଜା କେନ୍ଦ୍ରୀୟ କମିଟି ଆନୁକୂଲ୍ୟରେ ଶାସନ ସାହି, ବଜାର ସାହି, ରାମମନ୍ଦିର ସାହି, ନୂଆ ବସ୍‌ଷ୍ଟାଣ୍ଡ, ଉଦୟପୁର ସାହି, ସ୍କୁଲ ସାହି, ପୁରୁଣା ଗୌଡ଼ ସାହି, ସାମନ୍ତ ସାହିରେ ପୂଜା ପାଉଥିବା ୯ ଗୋଟି ମେଢ଼ ପାଲଲହଡା ଷ୍ଟାଡିୟମଠାରେ ଆୟୋଜିତ ମେଳଣ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ। ପରେ ବିଭିନ୍ନ ବାଦ୍ୟ, ନୃତ୍ୟ ମଧ୍ୟରେ ମେଢ଼ଗୁଡିକୁ ସହର ପରିକ୍ରମା କରାଯାଇ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରାଯାଇଥିଲା। ଏହି ମେଳଣ ଉତ୍ସବରେ ଉପବାଚସ୍ପତି ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଉପଜିଲାପାଳ ସୁଶାନ୍ତ କୁମାର ପତି, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି, ସରପଞ୍ଚ ଶଶୀ ଭୂଷଣ ଆଚାର୍ଯ୍ୟ, ନରେନ୍ଦ୍ର ଭୁକ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା'ଙ୍କ ଆଞ୍ଚଳଲଡ୍ଡୁ ୧ ଲକ୍ଷ ୧୧ ହଜାର ୩ଶହ ଟଙ୍କାରେ ବ୍ୟବସାୟୀ ଅଶୋକ କୁମାର ପାଣିଙ୍କ ପୁଅ ଓଁ ପାଣି ନିଲାମ ନେଇଥିଲେ। ମା'ଙ୍କ ରୌପ୍ୟ ମୂର୍ତ୍ତି ୧ ଲକ୍ଷ ୩୬ ହଜାର ଟଙ୍କାରେ ପୁରୁଣା ଗୌଡ଼ ସାହିର ଚିନ୍ମୟ କୁମାର ବିଶ୍ୱାଳ ନିଲାମ ନେଇଥିଲେ। କେନ୍ଦ୍ରୀୟ ପୂଜା କମିଟି ସଭାପତି ଲିଙ୍ଗରାଜ ଦାଶ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସୁଶୀଲ କୁମାର ସାମଲ, ଅଭୟ କୁମାର ନାୟକ ଉପସ୍ଥିତ ଥିଲେ। ଭସାଣି ଶୋଭାଯାତ୍ରା ଦେଖିବାକୁ ସହରରେ ପ୍ରବଳ ଜନସମାଗମ ହୋଇଥିଲା। ପାଲଲହଡା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।




ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି।






ମେଳଣ ପରେ ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଉଛି।

# ଛେଣ୍ଡିପଦାରେ ଜମିଲା ଭସାଣି

**ଛେଣ୍ଡିପଦା/ ମାଧପୁର ,୧୯।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ସହରରେ ବୁଧବାର ମହାଆଡମ୍ବରରେ ଲକ୍ଷ୍ମୀପୂଜା ଭସାଣି ଓ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନରେ ୮ଟି ମେଢ଼ ବାଦ୍ୟ, ନୃତ୍ୟ ତାଳେ ତାଳେ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜଗନ୍ନାଥ ମନ୍ଦିର ସମ୍ମୁଖ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ବ୍ଲକର ଛକ, ମଝି ବଜାର, ଥାନା ଛକ, ଦୋଳମଣ୍ଡପ ସାହି, ପ୍ରଧାନ ସାହି, ବୁଢ଼ା ସାହି, ହନୁମାନପଡା ଏବଂ ଶାନ୍ତି ବଜାର ମେଢ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମେଳଣ ପଡ଼ିଆରେ ଆଞ୍ଚଳ ଲଡ୍ଡୁ ନିଲାମ ହୋଇଥିଲା। ଛେଣ୍ଡିପଦା କୁମ୍ଭାର ସାହିର ଭରତ ବେହେରା ୨୨ ହଜାର ୫୧ ଟଙ୍କାରେ ଏହାକୁ ଗ୍ରହଣ କରିଥିଲେ। ପରେ ଆକର୍ଷଣୀୟ ଆତସବାଜି ପ୍ରତିଯୋଗିତା ହେଇଥିଲା। ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମହମିଲନ ମୁର୍ମୁ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସରପଞ୍ଚ ସୁଦୀପ୍ତ ପ୍ରଧାନ, ତ୍ରିନାଥ ବେହେରା, ଉପେନ୍ଦ୍ର ବେହେରା, ଚନ୍ଦ୍ରମଣି ପ୍ରଧାନ, ସେଣ୍ଟ୍ରାଲ ପୂଜା କମିଟି ସଭାପତି ଦଣ୍ଡଧର ଦେହୁରୀ, ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ଉପସ୍ଥିତ ଥିଲେ। ମେଳଣ ସରିବା ପରେ ମେଢ଼ଗୁଡ଼ିକୁ ବିସର୍ଜନ କରାଯାଇଥିଲା। ଯୁବ ମଞ୍ଚ ସଭାପତି ଦୀପକ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳଣ ଉତ୍ସବରେ ଯୁବାମଞ୍ଚ ସମ୍ପାଦକ ହିମାଂଶୁ ଶେଖର ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଉତ୍ସବ ଦେଖିବାକୁ ପ୍ରାୟ ୨୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ସହ ପୋଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ଚୌରାଶି ମହାଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଢୋଲ, ବାଜାର ତାଳେ ତାଳେ ମେଢ଼କୁ ବଜାର ପରିକ୍ରମା କରି ଜଳାଶୟରେ ବିସର୍ଜନ କରାଯାଇଥିଲା। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ଛେଣ୍ଡିପଦାରେ ଭସାଣି ଶୋଭାଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ।


ଭସାଣି ଶୋଭାଯାତ୍ରାରେ ଆଠମଲ୍ଲିକ ବ୍ଲକ ମାଧପୁରର ଚୌରାଶୀ ଲକ୍ଷ୍ମୀ ପୂଜା ମେଢ଼ ।

## ସଂକ୍ଷେପରେ

### ଠିକା ସଂସ୍ଥା ଉପରେ ଚଢ଼ାଉ

ତାଳଚେର, ୧୯।୧୦ (ନି.ପ୍ର.)- ଅନୁଗୋଳ ଜିଲା ତାଳଚେର ବ୍ଲକ ତାଳବେଡ଼ାସ୍ଥିତ ଏକ ଗାଡ଼ି ଶୋ'ରୁମ ଓ ସେଣ୍ଟ୍ରାଲ ୱାର୍କଶପ୍ କଲୋନୀଠାରେ ଥିବା ଏକ ଠିକା ସଂସ୍ଥା କାର୍ଯ୍ୟାଳୟରେ ବୁଧବାର ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଚଢ଼ାଉ କରାଯାଇଛି। ତଦନ୍ତକାରୀ ଏଜେନ୍ସିର ଅଧିକାରୀମାନେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଉକ୍ତ ୨ଟି ସ୍ଥାନରେ ଥିବା ଠିକା ସଂସ୍ଥାର କାର୍ଯ୍ୟାଳୟରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିବା ସୂଚନା ମିଳିଛି। ଆର୍ଥିକ କାରବାରରେ କିଛି ଅନିୟମିତତା ହୋଇଥିବା ସୂଚନା ମିଳିବା ପରେ ଏହି ଚଢ଼ାଉ କରାଯାଇଥିବା କୁହାଯାଉଛି।

### ବଳାତ୍କାର ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୧୯।୧୦- ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ବଁଅରପାଳ ଥାନା ଗୋତମରା ଅଞ୍ଚଳର ଶ୍ରୀତମ ଗୋଚ୍ଛାୟତ(୧୯)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଶ୍ରୀତମ ଅନୁଗୋଳ ସହରର ସମ୍ପୃକ୍ତା ନାବାଳିକାଙ୍କୁ ଧରି ଚମ୍ପଟ ମାରିଥିଲେ। ଏହାପରେ ତାଙ୍କୁ ବଳାତ୍କାର କରିଥିବା ଥାନାରେ ନାବାଳିକାଙ୍କ ମା ଅଭିଯୋଗ କରିଥିଲେ। ପୋଲିସ ନଂ. ୪୮୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଶ୍ରୀତମଙ୍କୁ ଗିରଫ କରି ଏସ୍ଆଇ ଅନୁପମା ପାତ୍ର କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ୨ ଲୁଟ୍ ଅଭିଯୁକ୍ତଙ୍କୁ ମାଡ଼ିବସିଲେ ଲୋକେ

ଅନୁଗୋଳ ଅଫିସ, ୧୯।୧୦- ଅନୁଗୋଳ ଜିଲା ବଁଅରପାଳ ଥାନା ଜଗନ୍ନାଥ ମନ୍ଦିର ନିକଟରେ ବୁଢ଼ାପଙ୍କ ଅଞ୍ଚଳର ପ୍ରଫୁଲ୍ଲ ନାଏକଙ୍କଠାରୁ ଅଢ଼େଇ ହଜାର ଟଙ୍କା ଲୁଟିନେବା ବେଳେ ୨ ଅଭିଯୁକ୍ତଙ୍କୁ ଲୋକେ ମାଡ଼ିବସି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର ଓ ଅନ୍ୟ ଜଣେ ଝାଡ଼ଖଣ୍ଡ ଅଞ୍ଚଳର ବାଦଲ କୁମାର ନୋନିଆ ବୋଲି ଜଣାପଡ଼ିଛି। ପ୍ରଫୁଲ୍ଲଙ୍କ ଅଭିଯୋଗ ଆଧାରାରେ ପୋଲିସ ନଂ. ୩୬୨/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରଫୁଲ୍ଲ ବଁଅରପାଳ ସାପ୍ତାହିକ ହାଟକୁ ଯାଉଥିବା ସମୟରେ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ପରେ ଜଣେ ପ୍ରଫୁଲ୍ଲଙ୍କ ହାତକୁ ଧରିବା ବେଳେ ଅନ୍ୟଜଣେ ପକେଟରୁ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏହି ସମୟରେ ପ୍ରଫୁଲ୍ଲ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ୨ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ।

### ଅନୁକମ୍ପା ସହାୟତା ପ୍ରଦାନ

କଣିହାଁ,୧୯।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ଶୁଭଙ୍କର ସାମଲ ଗତ ରବିବାର ବିଷାକ୍ତ କୀଟ କାମୁଡ଼ାରେ ପ୍ରାଣ ହରାଇଥିଲେ। ଏ ନେଇ ଛାତ୍ର, ଶିକ୍ଷକ, କର୍ମଚାରୀ କଲ୍ୟାଣ ପରିଷଦ କଣିହାଁ ତରଫରୁ ବୁଧବାର ତାଙ୍କ ପିତା କୁନା ସାମଲଙ୍କୁ ୫୦୦୦ ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣାରାଣୀ ବେହେରା, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ତଥା ପରିଷଦ ସଭାପତି ଲମ୍ବୋଦର ସାହୁ, ସମ୍ପାଦକ ମଳୟ ଚରଣ ପରିଡା, କୋଷାଧକ୍ଷ ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସଦସ୍ୟ ସୁଧାଂଶୁ ଶେଖର ପ୍ରଧାନ, ବସନ୍ତ ସାହୁ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ହୃଦ୍‌ଘାତରେ ଗଲା ଯୁବକଙ୍କ ଜୀବନ

ଢେଙ୍କାନାଳ ଅଫିସ,୧୯।୧୦-ଢେଙ୍କାନାଳ ଲକ୍ଷ୍ମୀପୂଜା ଭସାଣି ବେଳେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ବାରଣ ସତ୍ତ୍ୱେ ଶୋଭାଯାତ୍ରାରେ ସାମିଲ କରାଯାଇଥିବା ଡିଜେ ସାଉଣ୍ଡ୍ ଯୋଗୁ ଜଣେ ହୃଦ୍‌ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସତ୍ୟବାଦୀ ବେହେରା। ଏହି ଘଟଣାକୁ ବରିଷ୍ଠ ନାଗରିକମାନେ ତୀବ୍ର ନିନ୍ଦା କରିଛନ୍ତି। ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ଭସାଣିରେ ଡିଜେକୁ ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଥିଲା। ତଥାପି ଏହାକୁ ଅବମାନନା କରି କେତେକ ପୂଜା ପ୍ରତିଷ୍ଠାନ ଶୋଭାଯାତ୍ରାରେ ଡିଜେ ସାମିଲ କରିଥିଲେ। ଫଳରେ ସତ୍ୟବାଦୀଙ୍କ ଜୀବନ ଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ଦୁଇଦିନ ତଳେ ପ୍ରବଳ ଟ୍ରାଫିକ ଜାମ୍ ଯୋଗୁ ରାମେଶ୍ୱରପୁର ନିକଟରେ ଏକ ଆମ୍ବୁଲାନ୍ସ ଫସିଯିବା କାରଣରୁ ସେଥିରେ ସ୍ଥାନାନ୍ତର ହେଉଥିବା ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କିତ ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହାକି ତଦନ୍ତ ସାପେକ୍ଷ।

# କ୍ଷତିପୂରଣ ନ ଦେଇ ଘର ଭାଙ୍ଗିଦେଲେ



ପ୍ରଶାସନର ଦ୍ୱାରସ୍ଥ ହୋଇଥିବା କ୍ଷତିଗ୍ରସ୍ତ ୨୯ ପରିବାର।

## କ୍ଷୁବ୍ଧ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୧୯।୧୦

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର କୋର୍ ଅଞ୍ଚଳରେ ଥିବା କଟରଙ୍ଗ ଗ୍ରାମକୁ ବିସ୍ଥାପିତ କରାଯିବା ପ୍ରକ୍ରିୟା ଚାଲୁ ରହିଛି। ପ୍ରଥମ ପର୍ଯ୍ୟାୟରେ ୭୨ ପରିବାର ଓ ବିଳମ୍ବରେ କ୍ଷତିପୂରଣ ପ୍ୟାକେଜ ଯୋଗୁ ୪୮ ପରିବାର ଏହାପରେ ଗାଁ ଛାଡ଼ିଥିଲେ। ହେଲେ ୨୯ ପରିବାରର ନାମ କ୍ଷତିପୂରଣ ପ୍ୟାକେଜ୍‌ରେ ନ ଥିବାରୁ ସେମାନେ ଗାଁ ଛାଡ଼ି ନ ଥିଲେ। ଏ ନେଇ ସମ୍ପୃକ୍ତ ପରିବାର ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ଏକ ମିଳିତ କମିଟି ଦ୍ୱାରା ଏହାର ତଦନ୍ତ କରାଯାଇଥିଲେ ହେଁ ଏଯାଏ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। କିନ୍ତୁ ରିପୋର୍ଟ ଆସିବା ପୂର୍ବରୁ ଓ କ୍ଷତିପୂରଣ ଦିଆ ନ ଯାଇ ହଠାତ୍ ବନ ବିଭାଗ ମେଶିନ ଲଗାଇ ଘରଗୁଡ଼ିକୁ ଭାଙ୍ଗି ଦେଇଥିବା ୨୯ ପରିବାର ଅଭିଯୋଗ କରିଛନ୍ତି। ଘରଭଙ୍ଗା ସମୟରେ ରାଜସ୍ୱ ବିଭାଗ, ପଞ୍ଚାୟତ ବିଭାଗ, ସ୍ଥାନୀୟ ସରପଞ୍ଚ କିମ୍ବା ଅନ୍ୟ ଆଦିବାସୀ ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ବନ ବିଭାଗ ବାରମ୍ବାର ଲୋକମାନଙ୍କ ଜୀବନ ଜୀବିକା ସହିତ ଖେଳ ଖେଳୁଛି। ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ଅନ୍ୟ ବିଭାଗ ସହ ଆଦୌ ସମନ୍ୱୟ ରକ୍ଷା କରିନାହିଁ। ଫଳରେ ବିସ୍ଥାପନ ପ୍ରକ୍ରିୟାରେ ଅନେକ ତ୍ରୁଟି ରହୁଛି। ଏ ନେଇ ଗ୍ରାମବାସୀ ଉପଜିଲାପାଳ ଏବଂ ସାତକୋଶିଆ ଡିଏଫ୍‌ଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବନ ବିଭାଗ ଗ୍ରାମରୁ ଯେମିତି ହେଲେ ଲୋକଙ୍କୁ ତଡ଼ିବାକୁ ଉଦ୍ୟମ କରୁଥିଲେ ବି କ୍ଷତିପୂରଣ ଦିଆ ନ ଯିବା ପର୍ଯ୍ୟନ୍ତ ହଟିବୁନି ବୋଲି ମମତା ପ୍ରଧାନ, ମଲ୍ଲୀ ନାଏକ, ଅଞ୍ଜଳି ବେହେରା, ରୀତା ପ୍ରଧାନ, ଆଶାଲୀ ଜାନି ପ୍ରମୁଖ ଡିଏଫ୍‌ଓ ଓ ଉପଜିଲାପାଳଙ୍କୁ ଜଣାଇ ଦେଇଛନ୍ତି।

# ମାନସିକ ରୋଗୀଙ୍କୁ ଆଦର କର



କାର୍ଯ୍ୟକ୍ରମରେ ଛାତ୍ରୀ ଓ କଲେଜ କର୍ମଚାରୀମାନେ।

ଭୁବନ, ୧୯।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜ ପରିସରରେ 'ମୋ କଲେଜ ଅଭିଯାନ' ପକ୍ଷରୁ ମାନସିକ ରୋଗର କାରଣ ଏବଂ ପ୍ରତିକାର ସମ୍ପର୍କିତ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ରୋଗୀଙ୍କୁ ସ୍ନେହ ଆଦର କଲେ ରୋଗର ଉପଶମ ମିଳିବ ବୋଲି କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଶିବିର ଉଦ୍‌ଘାଟନ କରି କହିଥିଲେ। ମାନସିକ ସ୍ୱାସ୍ଥ୍ୟ ସଚେତନ କାର୍ଯ୍ୟକ୍ରମର ପ୍ରଶିକ୍ଷକ ତଥା ଭୁବନ ଡାକ୍ତରଖାନାର ଅଜିତ କୁମାର ଦାସ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ମମତା ପାତ୍ର ଯୋଗଦେଇ ମାନସିକ ସ୍ୱାସ୍ଥ୍ୟହାନିର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଭୁବନେଶ୍ୱର ଚେତନା ଫାଉଣ୍ଡେଶନ ଟ୍ରଷ୍ଟ ନିଶାସେବନ ମାନସିକ ରୋଗର ଅନ୍ୟତମ କାରଣ ବୋଲି ସତର୍କ କରାଇଥିଲେ। ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ହତାଦର ନ କରି ଏଥିରୁ ମୁକ୍ତି ଲାଗି ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ବକ୍ତା ଡି.ଏମ. ସାର୍ଥକ ଅତିଥି ଭାବେ ଯୋଗଦେଇ ମାନସିକ ରୋଗର ଲକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ମୋ କଲେଜ ଅଭିଯାନର ସଂଯୋଜକ ତଥା ସଂସ୍କୃତ ଅଧ୍ୟାପକ ନିରଞ୍ଜନ ନାୟକ, ଅଧ୍ୟାପକ ଶୁଭମ ବେହେରା, ଗଦାଧର ସାହୁ, ଅମ୍ବୁଜ ସାହୁ, କୈଳାସ ପାତ୍ର, ଗୟାଧର ଦାସ, ଲକ୍ଷ୍ମଣ ସାହୁ, ରଙ୍ଗଲତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି

ବଇଣ୍ଡା, ୧୯।୧୦ (ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ କାର୍ତ୍ତିକେଶ୍ୱର ପୂଜା ପାଳନ ହେବ। ଏ ନେଇ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉଗ୍ରସେନ ସେଠୀ, ରମେଶ କୁମାର ବେହେରା, ଅରବିନ୍ଦ ସାହୁ, ରମେଶ ସାହୁ, ହେମନ୍ତ ଶଙ୍ଖାରି, ଦିଲୀପ ଶଙ୍ଖାରି, ଚିନ୍ମୟ ସାହୁ, ସନ୍ତୋଷ ସାହୁଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ଚଳିତବର୍ଷ ପୂଜା କିପରି ଧୁମଧାମରେ ପାଳନ ହେବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏଥିସହ ୫ ଦିନିଆ ପୂଜା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କୁହାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଜିତେନ୍ଦ୍ର ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ଉପ ସଭାପତି ଭାବେ ମାନସ କୁମାର ସାହୁ, ସମ୍ପାଦକ ରଞ୍ଜନ କୁମାର ବେହେରା, ସହ ସମ୍ପାଦକ ରାଜା ଶର୍ମା, ସଞ୍ଜୟ ସାହୁ, କୋଷାଧ୍ୟକ୍ଷ ଭାବେ ବିନୀତ ସାହାଙ୍କୁ ଚୟନ କରାଯାଇଥିଲା।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଗ୍ରାମବାସୀ।

## ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୧୯।୧୦

ଅନୁଗୋଳ ଥାନା ତୁରଙ୍ଗ ଅଞ୍ଚଳରେ ଥିବା ଏକ ଶୋ' ରୁମ୍‌ରୁ ୬୦ ହଜାର ଟଙ୍କା ଚୋରି ଅଭିଯୋଗରେ ପୋଲିସ ସେହି ଶୋ'ରୁମ୍‌ର ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ କର୍ମଚାରୀ ହେଲେ କିଆକଟା ଥାନା ଅଞ୍ଚଳର ରାକେଶ ମଲ୍ଲିକ(୧୯)। ପୋଲିସ କହିଛି, ଗତ ରବିବାର ଓ ସୋମବାର ଶୋ'ରୁମ୍ ଛୁଟିଥିଲା। ଏହି ସମୟରେ ରାକେଶ ଶୋ'ରୁମ୍‌ରୁ ଚୋରି କରିଥିଲେ। ଏ ନେଇ ମାଲିକ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ସପନ କୁମାର ପତି ଥାନାରେ ଅଭିଯୋଗ କରିବା ପରେ ନଂ. ୫୫୦/୨୨ରେ ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା। ପଚରାଉଚରା ପରେ ବୁଧବାର ଅଭିଯୁକ୍ତଙ୍କୁ ଅନୁଗୋଳ ଥାନା ଏସ୍ଆଇ ପ୍ରଶାନ୍ତ ପ୍ରଧାନ କୋର୍ଟଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଫୁଲପଡ଼ାରେ ଜନ ସମ୍ପର୍କ ପଦଯାତ୍ରା

ବଁଅରପାଳ,୧୯।୧୦(ଡି.ଏନ.ଏ.)

ବଁଅରପାଳ ବ୍ଲକ ଫୁଲପଡା ପଞ୍ଚାୟତଠାରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଁଅରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ଅରୁଣାଭ ସିଂହ, ଜିଲା ଉପ-ସଭାପତି ବାଉରୀବନ୍ଧୁ ସାହୁ, ୨୮ ନଂ. ଜୋନ୍ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପଟ୍ଟନାୟକ, ଜିଲା ବିଜେଡି ଉପଦେଷ୍ଟା ନିର୍ମଳ ଗଡ଼ନାୟକ, ପତିତପାବନ ମାଝି, ଫୁଲପଡା ସରପଞ୍ଚ ସୁଦେଷ୍ଣା ଗଡ଼ନାୟକ, ସମିତି ସଭ୍ୟା ବିଦ୍ୟୁତ୍‌ଲତା ବେହେରାଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଓ ଯୁବକ ଯୋଗ ଦେଇଥିଲେ। ଏହି ଜନ ସମ୍ପର୍କ ପଦ ଯାତ୍ରା ଗିରିଧିବାସିଆ ଗ୍ରାମଠାରୁ ଆରମ୍ଭ ହୋଇ ତିଳିପଙ୍ଗା ପରିକ୍ରମା କରି କଇଁଛବାହାଳ ଠାରେ ଶେଷ ହୋଇଥିଲା।



### ଭଙ୍ଗା ବେଡ୍‌ରୁ ପଡ଼ି ରୋଗୀ ଆହତ ଘଟଣା

## ଥାନାରେ ଦୁର୍ବ୍ୟବହାର ଅଭିଯୋଗ କଲେ ନର୍ସ

ଅନୁଗୋଳ ଅଫିସ, ୧୯।୧୦

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଜରିଆଟ୍ରିକ୍ ୱାର୍ଡରେ ଚିକିତ୍ସିତ ଜଣେ ବୃଦ୍ଧା ବେଡ୍ ଭାଙ୍ଗିଯିବାରୁ ତଳେ ପଡ଼ି ଆହତ ହୋଇଥିଲେ। ମଙ୍ଗଳବାର ଘଟିଥିବା ଏହି ଘଟଣା ନେଇ ମେଡିକାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଡାକ୍ତରମାନେ ଆସି ସମ୍ପୃକ୍ତ ବୃଦ୍ଧାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିଲା। କିନ୍ତୁ ସେଠାରେ କାର୍ଯ୍ୟ କରୁଥିବା ଜଣେ ନର୍ସ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୫୪୯/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କିନ୍ତୁ ରୋଗୀଙ୍କୁ ଭଙ୍ଗା ବେଡ୍‌ରେ ଶୁଆଇ ଦେଇଥିବା କର୍ମଚାରୀଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଦୋଷ ଲୁଚାଇବାକୁ ମେଡିକାଲ କର୍ତ୍ତୃପକ୍ଷ ନର୍ସଙ୍କୁ ଲଗାଇ ଥାନାରେ ଅଭିଯୋଗ କରାଇଥିବା ସାଧାରଣରେ ଆଲୋଚନା ହେଉଛି।

## ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଅନୁଗୋଳ ଅଫିସ, ୧୯।୧୦

ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ତାଙ୍କୁ ମାଡ଼ ମାରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୫୪୬/୨୨ରେ ମାମଲା ରୁଜୁ କରି ତଦନ୍ତ କରି ଅନୁଗୋଳ ରାଧାରମଣପଡ଼ା କେନାଲ ସାହିର ଝୁଙ୍କୁଲୁ ଚାତାରଙ୍କୁ ଗିରଫ କରିଛି। ଗତ ୧୭ ତାରିଖରେ ଝୁଙ୍କୁଲୁ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏକ ଟାଙ୍ଗିଆରେ ଆକ୍ରମଣ କରି ଜୀବନ ନେବାକୁ ବସିଥିଲେ। ଏଥିରେ ସ୍ତ୍ରୀଙ୍କ ହାତ ଭାଙ୍ଗି ଯାଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଝୁଙ୍କୁଲୁଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

dklselfie@gmail.com



@ ଶୁଭମ



@ ସତ୍ୟବ୍ରତ



@ ସାଗର



@ ସତ୍ୟଜିତ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଶୁଙ୍କ ପ୍ରତିଭାକୁ ଲୋକଲୋଚନକୁ ଅଣାଯାଉ

ବଇଣ୍ଡା, ୧୯।୧୦ (ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଅନେକ ଶିଶୁ ପ୍ରତିଭା ଅଛନ୍ତି। ସେମାନଙ୍କୁ ଲୋକଲୋଚନକୁ ଅଣାଯିବା ଆବଶ୍ୟକ ବୋଲି ବୁଧବାର ଆଠମଲ୍ଲିକ ବ୍ଲକ ପାଇକସାହି ହାଇସ୍କୁଲଠାରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାପଘରା ଓ ପାଇକସାହି ପଞ୍ଚାୟତର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ସମିତିସଭ୍ୟ ମୋହନ ଭୋଇ, ଆଠମଲ୍ଲିକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ନାୟକ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ସଭାପତିତ୍ୱ କରିଥିବାବେଳେ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ଶିଶୁ ମହୋତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

## ଦୁର୍ଘଟଣାରେ ୨ ଗୁରୁତର

କଣିହାଁ,୧୯।୧୦(ଡି.ଏନ.ଏ.)

କଣିହାଁ ବ୍ଲକ ଦେଇ ଯାଇଥିବା ୧୫୩ ନଂ. ରାଜପଥରେ ପ୍ରତିଦିନ ବିଭିନ୍ନ ଶିଳ୍ପସଂସ୍ଥାକୁ କଞ୍ଚାମାଲ ପରିବହନ ସହ ସେଠାରୁ ପାଉଁଶ ଟ୍ରକ୍ ଯୋଗେ ଅନ୍ୟତ୍ର ନିଆଯାଉଛି। ଏଥିଯୋଗୁ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହେଉଛି। ଏଥିଯୋଗୁ ବ୍ୟବସାୟ, ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟରେ କଣିହାଁ ଆସୁଥିବା ପଥଚାରୀ ବହୁ ସମୟରେ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି। ବ୍ଲକ ଅଞ୍ଚଳରେ ମଙ୍ଗଳବାର ଘଡଘଡି ସହିତ ବର୍ଷା ହୋଇଥିଲା। ଏହି ସମୟରେ ଘଣ୍ଟିଆନଳୀ ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ ଏବଂ କଣିହାଁ ଗ୍ରାମର ଯୁବକ ଆସୁଥିବାବେଳେ କାଦୁଅ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଜେଆଇଟିପିଏଲ ଡେରଙ୍ଗ ଓ ଘଣ୍ଟିଆନଳୀ ୱେଲଫେୟାର କ୍ଷତିଗ୍ରସ୍ତ ଗଣ ସୁରକ୍ଷା ସଙ୍ଗଠନ ସଭାପତି ତଥା ଦୁର୍ଘଟଣାରେ ଆହତ ହୋଇଥିବା ଦୁର୍ଯ୍ୟୋଧନ ପ୍ରଧାନ କହିଛନ୍ତି, ରାସ୍ତାର ଉନ୍ନତୀକରଣ ହେଉନାହିଁ। ପାଉଁଶ ଗୁଣ୍ଡ ପଡି ରହୁଛି। ଆଗାମୀ ଦିନରେ ଜନସାଧାରଣଙ୍କୁ ନେଇ ଆନ୍ଦୋଳନ କରାଯିବ।

## ମାହେଶ୍ୱରୀ ମନ୍ଦିରରେ ଲାଗିବ ସିସି କ୍ୟାମେରା

ଆଠମଲ୍ଲିକ, ୧୯।୧୦ (ଡି.ଏନ.ଏ.)

ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ମନ୍ଦିର ହୁଣ୍ଡିଭାଙ୍ଗି ଚୋରି ଘଟଣା ପରେ ବୁଧବାର ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଦେବୋତ୍ତର କମିଟି ସଭ୍ୟମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୋରି ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ମନ୍ଦିରର ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। କାଠ କବାଟ ବଦଳରେ ଲୁହା କବାଟ, ଲୁହା ଗ୍ରିଲ, ମନ୍ଦିରର ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯିବା, ଦକ୍ଷିଣପାର୍ଶ୍ୱ ପାଚେରିକୁ ଉଚ୍ଚ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାହେଶ୍ୱରୀଙ୍କ ସମ୍ପତ୍ତି ତାଲିକା ପ୍ରସ୍ତୁତ କରିବାକୁ ଦେବୋତ୍ତର ସହାୟକ ନଗେନ ରାଉତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାହେଶ୍ୱରୀ ମନ୍ଦିର ଚୋରି ଘଟଣାର ତୁରନ୍ତ ପର୍ଦ୍ଦାଫାଶ କରିବାକୁ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହାୟକ ଜିଲାପାଳ କୁଳମଣି ଦଳାଇ, ସଭ୍ୟ ଅସିତ ରଞ୍ଜନ ଦେଓ, ଅଞ୍ଜନ କୁମାର ପ୍ରଧାନ, ପୀତବାସ ସାହୁ, ସୁଶାନ୍ତ କୁମାର ମହାପାତ୍ର, ଚିତ୍ତରଞ୍ଜନ କର୍ଣ୍ଣ, ଏନ୍ଏସି କର୍ମଚାରୀ, ଥାନା ଆଇଆଇସି ନିରୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜରୁରୀ ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

